# Akashvani, Sambalpur

## SAMBALPURI NEWS BULLETIN

### 17 October 2025 – 6.47- 6.52 am.

**************************************************

ନିଖିଳ ଭାରତ ସମବାୟ ସପ୍ତାହ I&PR

ରାଜ୍ୟ ସମବାୟ ବିଭାଗ୍ ତର୍ଫୁ ନଭେମ୍ବର୍ ୧୪ ନୁ ୨୦ ତାରିଖ୍‌ତକ୍ ନିଖିଳ ଭାରତ ସମବାୟ ସପ୍ତାହ ପାଲନ୍ କରାଯିବା । କାର୍ଯ୍ୟକ୍ରମ୍‌କେ ନେଇକରି ବିଭାଗୀୟ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ରାଜ୍ୟ କୃଷି ବିପଣନ ପରିଷଦ୍ ସମ୍ମିଳନୀ କକ୍ଷ ନ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ରାଏଜେ ସମବାୟ ବିଚାର୍, ଦର୍ଶନ୍ ଆଉ କାର୍ଯ୍ୟକ୍ରମ୍‌କେ ଲୁକ୍‌କର୍ ପାଖେ ଜହ ନୁ ଜହ ପୁହୁଁଚାବାର୍ ଲାଗି ରାଜ୍ୟସ୍ତରୀୟ ନିଖିଳ ଭାରତୀୟ ସମବାୟ ସପ୍ତାହକେ ବର୍‌କସ୍ ଭାବେ ପାଲନ୍ କର୍‌ବାର୍‌କେ ପଡ଼୍‌ବା ବଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ । ଇ ବଛର୍ ଇ ଦିବସ୍‌ର ବିଷୟବସ୍ତୁ 'ଆତ୍ମନିର୍ଭର୍ ଭାରତ୍ ଲାଗି ସମବାୟ ଗୁଟେ ମାଧ୍ୟମ୍' ରଖାଯାଇଛେ ।

ବାଚସ୍ପତି- ବିଦେଶ୍ ଗସ୍ତ I&PR

ବାଚସ୍ପତି ସୁରମା ପାଢ଼ୀ ଗଲାକାଏଲ୍ ବାର୍ବାଡସ୍‌ର ବିରଜ୍ ସହରେ ହେଇଥିବା ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ଆଉ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀଥି ଯୋଗ୍ ଦେବାର୍ ଉତ୍‌ରୁ ବ୍ରିଟେନ୍, ସ୍ୱିଜର୍‌ଲାଣ୍ଡ ଆର୍ ଫ୍ରାନ୍ସ ଯାଇଛନ୍ । ବାଚସ୍ପତି ଶ୍ରୀମତୀ ପାଢ଼ୀ ବ୍ରିଟେନ୍‌କେ ପୁହୁଁଚିବାର୍ ଉତ୍‌ରୁ ସେନ ଥିବା ଭାରତୀୟ ଉଚ୍ଚାୟୁକ୍ତ ତାଙ୍କୁ ସ୍ୱାଗତ୍ କରିଥିଲେ ।

ଇ ଅବ୍‌ସରେ ସେନ ରହୁଥିବା ପ୍ରବାସୀ ଭାରତୀୟ ଆଉ ପ୍ରବାସୀ ଓଡ଼ିଆମାନ୍‌କର୍ ତର୍‌ଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି କହିଛନ୍, ୨୦୪୭ ମସିହାତକ୍ ବିକଶିତ୍ ଭାରତ୍ ଲକ୍ଷ୍ୟ ରହିଥିଲା ବେଲ୍‌କେ ୨୦୪୭ ମସିହାତକ୍ ଓଡ଼ିଶାକେ ଗୁଟେ ସମୃଦ୍ଧ ରାଜ୍ୟ ଭାବେ ଗଠନ୍ କରାଯିବା । ଓଡ଼ିଶାର୍ ପ୍ରଗତିଥି ପ୍ରବାସୀମାନେ ଜୁଡ଼ି ହଉନ୍ ବଲି ବାଚସ୍ପତି ଆହ୍ୱାନ୍ ଦେଇଛନ୍ ।

ନୀତି ଆୟୋଗ ଚୁକ୍ତି I&PR

ସ୍ଥାୟୀ ପରିବେଶ୍ ଆଉ ଶକ୍ତି କ୍ଷମତା ସମ୍ପନ୍ନ ଭବିଷ୍ୟତ୍ ଲାଗି ନୀତି ଆୟୋଗ୍, ଓଡ଼ିଶା ସର୍‌କାର୍ ଆଉ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସଷ୍ଟେନେବିଲିଟି, ଏମ୍ପ୍ଲୟମେଂଟ୍ ଏଣ୍ଡ ଗ୍ରୋଥ୍- ଆଇ.ସି.ଇ.ଜି. ଫାଉଣ୍ଡେସନ୍ ତର୍‌ଫୁ ଗଲାକାଏଲ୍ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷର୍ ହେଇଛେ । ଇ ଚୁକ୍ତି ଜରିଏ ରାଏଜେ ସବୁଜ ଉର୍ଜା ପରିବର୍ତନ୍‌କେ ତୁର୍‌ତି କରାଯାଇପାର୍‌ବା । ଓଡ଼ିଶା ନ କମ୍

ଖର୍ଚ୍ଚାଥି  ବିଦ୍ୟୁତ୍ ରୂପାନ୍ତରଣ୍ ଯୋଜନା ପ୍ରକଳ୍ପ ଥାପ୍‌ନା ସହେତେ ଇଥିର୍‌ଲାଗି ଗୁଟେ ରଣନୈତିକ୍ ରୋଡ୍‌ମେପ୍ ତିଆର୍ କରାଯିବା । ଇତାର୍ ଜରିଏ ବିଦ୍ୟୁତ୍ କ୍ଷେତ୍ରକେ  ଶସ୍ତା, ସ୍ଥାୟୀ, ସ୍ୱୟଂ ସମ୍ପୂର୍ଣ୍ଣ ଆଉ ପରିବେଶ୍ ଉପଯୋଗୀ କର୍‌ବାର୍  ଉପ୍‌ରେ ଜୋର୍ ଦିଆଯିବା । ଇ ପଦକ୍ଷେପ୍ ରାଜ୍ୟର୍ ବିକଶିତ୍ ଓଡ଼ିଶା-୨୦୩୬ ଆଉ ବିକଶିତ୍ ଭାରତ୍ ୨୦୪୭ ଲକ୍ଷ୍ୟ ହାସଲ୍ କର୍‌ବାର୍ ଲାଗି ସାହାଜ୍ କର୍‌ବା । ଇ ଅବ୍‌ସରେ ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜା, ନୀତି ଆୟୋଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବି.ଭି.ଆର୍. ସୁବ୍ରମଣ୍ୟମ୍ ଆଉ ଆଇ.ଏସ୍.ଇ.ଜି. ର ନିର୍ଦ୍ଦେଶକ୍ ଆଉ ସହ ପ୍ରତିଷ୍ଠାତା ଡକ୍ଟର୍ ଶିରିଶ୍ ସାଙ୍କେ ଉପସ୍ଥିତ୍ ଥିଲେ ।

ରାଜ୍ୟ ଗୃହ ନିର୍ମାଣ, ନଗର ଉନ୍ନୟନ୍ ବିଭାଗ        I&PR

ରାଜ୍ୟ ଗୃହ ନିର୍ମାଣ ଆଉ ନଗର ଉନ୍ନୟନ୍ ବିଭାଗ୍ ଆଉ ଷଷ୍ଠ ରାଜ୍ୟ ଅର୍ଥ କମିଶନ୍ ଭିତ୍‌ରେ ଗଲାକାଏଲ୍ ଗୁଟେ ଜରୁରୀ ବୈଠକ୍ ହେଇଯାଇଛେ । ଭୁବ୍‌ନେଶ୍ୱର୍ ଖାରବେଳ ଭବନ୍ ଠାନେ ହେଇଥିବା ବୈଠକ୍‌ଥି ବିଭାଗ୍ ତର୍‌ଫୁ ଅର୍ଥ କମିଶନ୍ ସମିଆଥି ବିଚାର୍ ଲାଗି ତାର୍ ପ୍ରମୁଖ କାର୍ଯ୍ୟକଳାପ ଆଉ ପ୍ରାଥମିକତା ଭାବେ ବ୍ୟାପକ୍ ସମୀକ୍ଷା ଉପସ୍ଥାପନ୍ କରାଯାଇଥିଲା । ପ୍ରୋତ୍ସାହନ୍ ଅନୁଦାନ୍ ଲାଗି ମାନଦଣ୍ଡ,

ସହରାଂଚଲ୍ ଶାସନ୍ ଆଉ ଆର୍ଥିକ୍ ଶୃଙ୍ଖଳାକେ ବର୍‌କସ୍ କର୍‌ବାର୍, ପରିମଳ ବ୍ୟବସ୍ଥାଥି ଉନ୍ନତି ଆନ୍‌ବାର୍ ପୌରସଂସ୍ଥା ଲାଗି ଦକ୍ଷତା ବିକାଶ୍ ଆର୍ ଆର୍ଥିକ୍ ପରିଚାଳନାଥି ଉନ୍ନତି ବାଗିର୍ ବହୁତ୍‌ଟେ ବିଷେ ଉପ୍‌ରେ  ଆଲୋଚନା କରାଯାଇଥିଲା ।

ନିଖିଳ ଭାରତ ସମବାୟ ସପ୍ତାହ I&PR

ରାଜ୍ୟ ସମବାୟ ବିଭାଗ୍ ତର୍‌ଫୁ ନଭେମ୍ବର୍ ୧୪ ନୁ ୨୦ ତାରିଖ୍‌ତକ୍ ନିଖିଳ ଭାରତ ସମବାୟ ସପ୍ତାହ ପାଲନ୍ କରାଯିବା । କାର୍ଯ୍ୟକ୍ରମ୍‌କେ ନେଇକରି ବିଭାଗୀୟ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ରାଜ୍ୟ କୃଷି ବିପଣନ ପରିଷଦ୍ ସମ୍ମିଳନୀ କକ୍ଷ ନ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ରାଏଜେ ସମବାୟ ବିଚାର୍, ଦର୍ଶନ୍ ଆଉ କାର୍ଯ୍ୟକ୍ରମ୍‌କେ ଲୁକ୍‌କର୍ ପାଖେ ଜହ ନୁ ଜହ ପୁହୁଁଚାବାର୍ ଲାଗି ରାଜ୍ୟସ୍ତରୀୟ ନିଖିଳ ଭାରତୀୟ ସମବାୟ ସପ୍ତାହକେ ବର୍‌କସ୍ ଭାବେ ପାଲନ୍ କର୍‌ବାର୍‌କେ ପଡ଼୍‌ବା ବଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ । ଇ ବଛର୍ ଇ ଦିବସ୍‌ର ବିଷୟବସ୍ତୁ ‘ଆତ୍ମନିର୍ଭର୍ ଭାରତ୍ ଲାଗି ସମବାୟ ଗୁଟେ ମାଧ୍ୟମ୍’ ରଖାଯାଇଛେ ।

ବିଜେପି ଦଲୀୟ ପଦାଧିକାରୀ ତାଲିକା   ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ଜନତା ପାର୍ଟି ତର୍ଫୁ ରାଜ୍ୟ ଦଲୀୟ ପଦାଧିକାରୀମାନ୍‌କର୍ ତାଲିକା ଗଲାକାଏଲ୍ ବାହାର୍ କରାଯାଇଛେ । ରାଜ୍ୟ ଶାଖା ସଭାପତି ମନ୍‌ମୋହନ୍ ସାମଲ୍‌ଙ୍କର୍ ଅନୁମୋଦନ୍‌ଥି ବାହାରିଥିବା ଇ ତାଲିକାଥି ଉପସଭାପତି ଭାବେ ୧୦ ଝନ୍‌କୁ ନିଯୁକ୍ତି ଦିଆଯାଇଛେ । ସାଧାରଣ୍ ସମ୍ପାଦକ୍ ଭାବେ ୪ ଝନ୍, ସମ୍ପାଦକ୍ ଭାବେ ୧୦ ଝନ୍, କୋଷାଧ୍ୟକ୍ଷ ଆଉ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ଝନେ ଲେଖା ଦଲୀୟ କର୍ମକର୍ତାଙ୍କୁ ନିଯୁକ୍ତି ଦିଆଯାଇଛେ ।

ବିଶ୍ୱ ଦାରିଦ୍ର୍ୟ ଦୂରୀକରଣ୍ ଦିବସ          ଆର୍‌ଏନ୍‌ୟୁ / ସମ୍ବଲପୁର

ଦାରିଦ୍ର୍ୟ ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ଲାଗି ଆଏଜ୍ ବିଶ୍ୱ ଦାରିଦ୍ର୍ୟ ଦୂରୀକରଣ୍ ଦିବସ୍ ପାଲନ୍ ହେଉଛେ । ଫି' ବଛର୍ ଅକ୍ଟୋବର୍ ୧୭ ତାରିଖ୍ ଦିନ ଇ ଦିବସ୍ ପାଲନ୍ କରାଯାଏସି । ଇ ବଛରର୍ ବିଷୟବସ୍ତୁ ହେଉଛେ ' ପରିବାର୍ ପ୍ରତି ସମ୍ମାନ୍ ଆଉ ବର୍‌କସ୍ ସମର୍ଥନ୍ ସୁନିଶ୍ଚିତ୍ କରିକରି ସାମାଜିକ ଆଉ ସାଂଗଠନିକ୍ ଦୁର୍ବ୍ୟବହାର୍‌କେ ଶେଷ୍ କର୍‌ମା' । ଇନ ଜନେଇ ଦିଆଯାଇପାରେ ଯେ, ଇ ଦିବସ୍ ପାଲନ୍ ଲାଗି ୧୯୯୨ ମସିହାଥି ମିଳିତ ଜାତିସଂଘ ନ ଗୁଟେ ପ୍ରସ୍ତାବ ଗୃହୀତ ହେଇଥିଲା ।

ରାଜସ୍ୱ ସମୀକ୍ଷା ବୈଠକ୍        ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ଗଲାକାଏଲ୍ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ କବିନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ସେପ୍ଟେମ୍ବର୍  ମାସେ ଧାରିଜ୍ ଥିବା ଜିଲ୍ଲାର୍ ଭିନ୍ ଭିନ୍ ଟିକସ୍ ଆଦାୟ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପୁରାପୁରି ଭାବେ ଫିରିଯାଇଛେ । ଇ ସମିଆ ଭିତ୍‌ରେ ତାମିଲନାଡୁ, ଆନ୍ଧ୍ରପ୍ରଦେଶର ସମୁଦ୍ର ଖଣି ଇଲାକା, ଦକ୍ଷିଣ ଆଭ୍ୟନ୍ତରୀଣ କର୍ନାଟକ୍ ଆଉ କେରଲ୍‌ର ମାହେଠାନେ ଉତର ପୂର୍ବ ମୌସୁମୀ ବାୟୁ ପ୍ରଭାବ୍‌ଥି ବର୍ଷା ମୁଲ୍ ହେଇଛେ । ସେଆଡ଼େ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ସବୁ ଜାଗା ନ ପାଗ୍ ଶୁଖା ରହେବା ବଲି ଭୁବନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।